୩୧.୦୮.୨୦୨୪

পର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ

**ଅଣତାରକା ପ୍ରଶ୍ନ ସଂଖ୍ୟା** 3182.ଶ୍ରୀ ଅଭିମନ୍ୟୁ ସେଠୀ : ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ କେତେ ଗୋଟି ପର୍ଯ୍ୟଟନ ସ୍ଥଳୀ ଅଛି ଏବଂ ସରକାର ଏହାର ଉନ୍ନତି ଦିଗରେ କଣ କଣ ପଦକ୍ଷେପ ନେଉଛନ୍ତି ଜଣାଇବେକି ଚକ୍ରତୀର୍ଥ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବାବେଳେ ଏଠାକୁ ଯିବା ରାସ୍ତାଟିଏ ନାହିଁ ଏବଂ ଶୌଚାଳୟଟିଏ ବି ନାହିଁ ଅନୁରୂପ ଭାବେ ଗଡ଼ଚଣ୍ଡୀ ପୀଠ ଏବଂ ହଡ଼ାଗଡ ଡ୍ୟାମର ସମାନ ଅବସ୍ଥା ଯେଉଁଥିପାଇଁ ପର୍ଯ୍ୟଟକ ମାନଙ୍କୁ ଆସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏହାର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ସରକାର କଣ ବ୍ୟବସ୍ଥା କରୁଛନ୍ତି ଜଣାଇବେ  କି ?

**ଉତ୍ତର**

**ଶ୍ରୀମତୀ ପ୍ରଭାତୀ ପରିଡା**
**ଉପ ମୁଖ୍ୟମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀ**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପାଇଥିବା ଦୁଇ  ଗୋଟି ପର୍ଯ୍ୟଟନ ସ୍ଥଳୀ ଅଛି ତାହା ହେଉଛି ପୋଡାସିଙ୍ଗିଡି(ଗଡଚଣ୍ଡୀ-ଚକ୍ରତୀର୍ଥ ) ଓ ହଦଗଡ ।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡିର ଚକ୍ରତୀର୍ଥ ଠାରେ ୨୦୧୫-୧୬ ଆର୍ଥିକ ବର୍ଷରେ ୩୦ ଲକ୍ଷ ଟଙ୍କା ବ୍ୟୟ ହୋଇ ସାର୍ବଜନୀନ ସୁବିଧା କେନ୍ଦ୍ର (PCC) ନିର୍ମାଣ ହୋଇ ଆନନ୍ଦପୁର B.D.O  ଙ୍କୁ ହସ୍ତାନ୍ତର କରାଯାଇଅଛି । ଚକ୍ରତୀର୍ଥ, ଗଡଚଣ୍ଡୀ ପୀଠ ଏବଂ ହଦଗଡ ଡ୍ୟାମର ପର୍ଯ୍ୟଟନ ଭିତ୍ତିଭୂମି ର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ସରକାର ଆଗାମୀ ଦିନରେ ଭିତ୍ତିଭୂମି   ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଉନ୍ନୟନ ମୂଳକ ପଦକ୍ଷେପ ନେବେ ।